ଡାକ୍ତର ଟି'ଙ୍କର

ଯୌନକ୍ରିୟାଦ୍ୱାରା ବ୍ୟାପୁଥିବା ରୋଗ (STDs) ସମ୍ବନ୍ଧିୟ ସହାୟକ ପୁସ୍ତକ ।

ଗନେରିୟା ଓ କ୍ଲାମୋଇଡିୟା· (Gonorrhea & Chlamydia)

- ସଂକ୍ରମିତ ବ୍ୟକ୍ତି ସହ  ଯୌନକ୍ରିୟା କରିବାର କିଛି ଦିନ ଠାରୁ କିଛି ସପ୍ତାହ ମଧ୍ୟରେ ବ୍ୟାକ୍ଟେରିଆ ଜୀବାଣୁ ଦ୍ୱାରା ଏହି ରୋଗ ହୋଇ ଥାଏ ।
- ପୁରୁଷ ରୋଗୀର ଲିଙ୍ଗ ର ମୁଖଦ୍ୱାରରୁ ଏକ ତରଳ ପଦାର୍ଥ ବହିବା ଆରମ୍ଭ ହୋଇଥାଏ  । ଏହା ମୁତ୍ରାଶୟକୁ କ୍ଷତି ପହଁଚାଇଥାଏ । ରୋଗର ଲକ୍ଷଣ ତୀବ୍ର ବା ଧୀର ହୋଇଥାଏ ଏବଂ କୋଚିତ  ଅନୁଭୂତ ହୋଇ ଥାଏ ।
- ସ୍ତ୍ରୀ ଠାରେ ରୋଗର ଲକ୍ଷଣ ବହୁତ ଧିରେ କିମ୍ବା ବିଲ୍‌କୁଲ ଦେଖଯାଇ ନ ଥାଏ କିନ୍ତୁ ଉପଚାର ବିନା ରୋଗ ଭୟଙ୍କର (P.I.D.) ହୋଇଥାଏ ଏବଂ ଭବିଷ୍ୟତରେ ସଂତାନ  ହେବାରେ ବାଧା ଉପୁଜାଇଥାଏ ।
- ରୋଗ ପ୍ରତିରୋଧକ(ଆଣ୍ଟିବାୟୋଟିକ) ଦ୍ୱାରା ସହଳ ଉପଚାର କରାଗଲେ ରୋଗ ସଂପୂର୍ଣ୍ଣ ଭଲ ହୋଇଯାଏ ।

ପରିସ୍ରୁପ(ହର୍ପ୍ସ) (Herpes)

- ଏହି ରୋଗ ଭୁତାଣୁ ଦ୍ୱାରା ହୋଇଥାଏ ଯାହାରକି ଉପଚାର କରାଯାଇ ପାରେ କିନ୍ତୁ ସଂପୂର୍ଣ୍ଣ ଆରୋଗ୍ୟ ସଂଭବ ନୁହେଁ ।
- ସଂକ୍ରମିତ ବ୍ୟକ୍ତି ସହ ଯୋନକ୍ରିୟା କରିବାର ୩ ରୁ ୧୦ ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଯାଇଥାଏ ।
- ଘାଆ  ପୁଞ୍ଜ ପୁଞ୍ଜ ହୋଇ ଦେଖାଯାଇଥାଏ,ପରେପରେ ଛୋଟଛୋଟ ଛିଦ୍ରରେ ପରିବର୍ତ୍ତିତ ହୋଇଯାଏ ଏବଂ ସାରା ଶରୀରରେ ବ୍ୟାପିଯାଏ ।
- ୫ ରୁ ୧୫ ଦିନ ମଧ୍ୟରେ ରୋଗୀ ରୋଗମୁକ୍ତ ହୋଇଯାଏ  ଏବଂ ଘାଆ ଚିହ୍ନ ଅଦୃଶ୍ୟ ହୋଇଯାଏ ।
- ଜୀବାଣୁ ଶରୀର ମଧ୍ୟରେ ରହିଥାଏ ଏବଂ ଭବିଷ୍ୟତରେ ରୋଗର ପୁନରାବୃତି ହୋଇଥାଏ ।
- ଘାଆ ଗୁଡିକ ଯୋନି ମଧ୍ୟରେ ହେଉଥିବା ହେତୁ ସ୍ତ୍ରୀ ଲୋକଠାରେ ରୋଗର ଉପସ୍ଥିତି ଦୃଶ୍ୟ ହୋଇନଥାଏ ।

ନିଜକୁ ବଂଚାନ୍ତୁ - ସର୍ବଦା କଣ୍ଡମ ବ୍ୟୟହାର କରନ୍ତୁ

ଯନନେନ୍ଦ୍ରିୟ ଭାଟୁତି(Genital Warts)

- ଏ ରୋଗ ଏକ ଭୂତାଣୁ ଦ୍ୱାରା ହୋଇଥାଏ । (the human papilloma virus or HPV)  ପାପିଲୋମା ଭୂତାଣୁ ବା ଏ ପି ଭି)
- ସଂକ୍ରମିତ ବ୍ୟକ୍ତି ସହ  ଯୌନକ୍ରିୟା କରିବାର ଏକ ମାସ ଠାରୁ ଏକ ବର୍ଷ ମଧ୍ୟରେ ଯୌନାଙ୍ଗରେ ଛୋଟ ଛୋଟ ଭାଟୁତି ଦେଖାଯାଇଥାଏ। ସମସ୍ତ ଭାଟୁତି ଯୋନି ମଧ୍ୟରେ ହୋଇଥିବା ଯୋଗୁଁ
- ସ୍ତ୍ରୀ ମାନଙ୍କ ଠାରେ ସାଧାରଣତଃ ରୋଗର ଲକ୍ଷଣ ପ୍ରକାଶିତ ହୋଇ ନଥାଏ । ପୁରୁଷ ବ୍ୟକ୍ତିର ଭାଟୁତି ବହୁତ ଛୋଟ ହୋଇଥାଏ କିନ୍ତୁ ସହଜରେ ଦେଖିହୁଏ । ଖଟାପାଣି ବ୍ୟବହାର ଦ୍ୱାରା ଯୋନି ମଧ୍ୟରେ ଭଟୁତିରେ ଉପସ୍ଥିତ ପରୀକ୍ଷିତ ହୋଇପରେ ।
- ସ୍ତ୍ରୀ ପାଇଁ ଏ ରୋଗ ଭୟଙ୍କର ହୋଇଥାଏ କାରଣ ଏହା ଗ୍ରୀବା କର୍କଟ ରୂପ ଧାରଣ କରିପାରେ ।
- ଏହି ରୋଗର ଉପଚର ସମ୍ଭବ  । ନୂଆ ଯୌନସାଥି ସହ ଯୌନକ୍ରିୟା କରିବା ପୂର୍ବରୁ ସ୍ତ୍ରୀ PAP  ସିମର ବ୍ୟବହାର କରିବା ଉଚିତ ।

ଉପଦଂଶ (SYPHILIS)

- ଏହି ରୋଗ ଜୀବାଣୁ ଦ୍ୱାରା ହୋଇ ଥାଏ । ସଂକ୍ରମିତ ବ୍ୟକ୍ତି ସହ ଯୌନକ୍ରିୟା କରିବାର ୩ ସପ୍ତାହ ରୁ ୩ ମାସ ମଧ୍ୟରେ ଘାଆ ଦେଖାଯିବା ଆରମ୍ଭ ହୋଇଥାଏ ।
- ଘାଆ ଗୁଡିକ ତ୍ୱଚାଉପରେ ଛୋଟଛୋଟ ଛିଦ୍ର ରୂପରେ ଦେଖାଯାଇଥାଏ । ଘାଆ ଯନ୍ତ୍ରଣା ଦାୟକ ନୁହେଁ ।
- କିଛି ସପ୍ତାହ ମଧ୍ୟରେ ଘାଆ ଭଲ ହୋଇ ଯାଇଥାଏ କିନ୍ତୁ ରୋଗ ଜୀବାଣୁ ଶରୀର ମଧ୍ୟରେ ଥାଏ  ଏବଂ ସାରା ଶରୀରରେ ରୋଗର ପୂନରାବୃତି ହୋଇଥାଏ ।

- ପୂନରାବୃତ ରୋଗ ମଧ୍ୟ ଭଲ ହୋଇଯାଏ  କିନ୍ତୁ ଜୀବାଣୁ ପୁନର୍ବାର ଶରୀରର ଅନ୍ୟ କୌଣସି  ଅଂଗକୁ ପୁନଃ ଆକ୍ରମଣ  କରିବାର ଡର ଥାଏ ।
- ପେନ୍‌ସିଲିନ ଦ୍ୱାରା ଉପଦଂଶ କୌଣସି ସମୟରେ ଆରୋଗ୍ୟ ହୋଇପାରେ ।
- ଘାଆ ଗୁଡିକ ସ୍ତ୍ରୀର ଯୋନି ଗହ୍ୱରରେ ଲୁକାଇତ ଥାଏ ।

ଯୌନରୋଗ (STDs) ନିୟନ୍ତ୍ରଣିୟ ।

ଚର୍ମ ଉକୁଣୀ (Pubic lice)

- ଏ ଉକୁଣୀ ବାଦାମି ଓଡଷ ଠାରୁ ଧୂଷର ହୋଇ ଥାଏ, ବହୁତ ଛୋଟ(୧/୮ ଇଂଚ) ଓ ଚର୍ମକେଶ ମୂଳରେ ରହିଥାଏ ।
- ଚର୍ମକେଶ ମୂଳରେ ଏକ ତରଳ ଔଷଧ ପ୍ରୟୋଗ କରାଯାଇ ରୋଗର ବିନାସ କରାଯାଇଥିଏ ।

କାଛୁ (Scabies)

- ଏହି କୀଟ ଚର୍ମ ଉକୁଣୀ ଭଳି ଦେଖଯାନ୍ତି କିନ୍ତୁ ବହୁତ ଛୋଟ ଓ ଖାଲି ଆଖିକୁ ଦେଖାଯଅନ୍ତି ନାହିଁ । ଏହି କୀଟ ଚର୍ମ ତଳେ ରହିଥାଏ ।
- ଏମାନେ ସମଗ୍ର ଶରୀରରେ ଛୋଟଛୋଟ କୁଣ୍ଡିଆ ଘାଆ ଶୃଷ୍ଟି କରିଥାଆନ୍ତି ।
- ଏକ ତରଳ ଔଷଧକୁ ସମଗ୍ର  ଶରୀରରେ ଲଗାଇବା ଦ୍ୱାରା ରୋଗ ଦୂର ହୋଇଥାଏ ।
- ରୋଗୀ ବ୍ୟବହାର କରୁଥିବା ଲୁଗାପଟା ,ବେଡ୍‌ସିଟ,ଟୱାଲ ଆଦିକୁ ରୋଗର ଉପସମ ପରେ ସଫା କରିଦେବା ଉଚିତ କରଣ ସେଗୁଡିକ ମଧ୍ୟରେ କୀଟ ଥାଇପାରନ୍ତି ।

ଭାଜିନିଟି (Vaginitis)

- ରୋଗୀର ଯୋନିରେ ସଂକ୍ରମଣ ହେତୁ କ୍ଷରଣ ହୋଇ ଥଏ । କ୍ଷରଣ ଗନ୍ଧଯୁକ୍ତ ହୋଇଥାଏ ବା କେବେକେବେ ବିବ୍ରତ କରିଥାଏ ।
- ସାଧାରଣତଃ ଗନେରିଆ,କ୍ଲାମାଇଡିଆ ବା କବକ ଆଦି ଏକ ବା ଏକାଧିକ ଜୀବାଣୁ ଦ୍ୱାରା ଏହି ରୋଗ ହୋଇଥାଏ । ଯୋନି ମଧ୍ୟରେ ରହୁଥିବା ଟ୍ରିକୋମୋନାସ ବା ବ୍ୟାକ୍ଟେରିଆ ଜୀବାଣୁ ଦ୍ୱାରା ମଧ୍ୟ ଏହି ରୋଗ ହୋଇଥାଏ ।
- କ୍ଷରୀତ ପଦାର୍ଥକୁ ଅଣୁବିକ୍ଷଣ ଯନ୍ତ୍ର ଦ୍ୱାରା ପରୀକ୍ଷା କଲେ ଜୀବାଣୁ ଦେଖାଯାଇଥାଏ ।
- ଜୀବାଣୁକୁ ଚିହ୍ନଟ କରି ଉପଯୁକ୍ତ ଔଷଧ ବ୍ୟବହାର କଲେ ରୋଗ ଉପଷମ ହୋଇଥାଏ ।

କବକ ସଂକ୍ରମଣ (Yeast Infection)

- ଏହି ରୋଗ କବକ ଜାତୀୟ ଜୀବାଣୁ ଦ୍ୱାରା ହୋଇଥାଏ ।
- ପୁରୁଷ ରୋଗୀର ଯୌନାଙ୍ଗର ବାହ୍ୟଚର୍ମରେ ଏକ ଲୋହିତ କାଛୁ ରୂପରେ ରୋଗ ଦେଖାଯାଇଥାଏ ।
- ସ୍ତ୍ରୀ ମାନଙ୍କ ଠାରେ ଏହାଘନ ଧଳା କ୍ଷରଣ ରୂପେ ଦେଖାଯାଇଥାଏ ।
- କବକ ନାସକ(ଆଣ୍ଟିଫଙ୍ଗାଲ) ମଲମ କିମ୍ବା ବଟିକା ବ୍ୟବହାର ଦ୍ୱାରା ରୋଗ ସହଜରେ ଭଲ ହୋଇଥାଏ ।

କାମଳ (Hepatitis)

- ଏହା ଯକୃତ କୁ ସଂକ୍ରମଣ କରୁଥିବା ଏକ ଭୂତାଣୁ ଜନିତ ରୋଗ ।
- ରୋଗୀ ଠାରେ ଜ୍ୱର,ପେଟବ୍ୟଥା,ପିତା,ଆଖି ଓଚର୍ମ ହଳଦିଆ ଏବଂ ମୂତ୍ର ଘନହଳଦିଆ ହେବା ଭଳି  ଲକ୍ଷଣ ଦେଖାଯାଇଥାଏ ।
- ବିଶ୍ରାମ ଦ୍ୱାରା ରୋଗ ଉପସମ ହୋଇଥାଏ । ରୋଗର ସଂକ୍ରମଣ ରୋକିବା ପଇଁ ଟୀକା ମିଳୁଛି।

ଏଡ୍‌ସ (AIDS) (ଏକ୍ୱାଡ ଇମ୍ୟୁନେ୍‌ଡେଫିସିଏନ୍‌ସି ଭାଇରସ)/ HIV ରୋଗ

- ଏହା ଯୌନକ୍ରିୟା ଦ୍ୱାରା ସଂକ୍ରମିତ ହେଉଥିବା ସବୁଠାରୁ ଭୟଙ୍କର ଯୌନରୋଗ (STDs) । ଏହା ଏଚ· ଆଇ· ଭି (ହ୍ୟୁମାନ ଇମ୍ୟୁନୋଡେଫିସିଏନ୍ସି ଭାଇରସ) ଦ୍ୱାରା ହୋଇଥାଏ । ଏହା ଶରୀର ମଧ୍ୟରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ନଷ୍ଟ କରିଦିଏ ।
- ସଂକ୍ରମଣର ଏକ ବର୍ଷ ପର୍ଯ୍ୟନ୍ତକୌଣସି ଲକ୍ଷଣ ଦେଖାଯାଉନଥିବାରୁ , ରକ୍ତ ପରୀକ୍ଷା ନକରିବା ଯାଏଁ ତୁମର ଯୌନ ସାଥିକୁ ରୋଗ ହୋଇଛି ନା ନାହିଁ ଜାଣିବା ସଂଭବ ନୁହେଁ ।
- ସଂକ୍ରମଣର ୧୦ ବର୍ଷ ମଧ୍ୟରେ ଏ ରୋଗ ରୋଗୀକୁ ମାରିଦେଇଥାଏ କିନ୍ତୁ ବର୍ତ୍ତମାନ ଆମପାଖରେ ଉପଯୁକ୍ତ ଉପଚାର ଉପଲବ୍ଧ ଅଟେ ।

ଏଡ୍ସ (AIDS) ଏକ ନିୟନ୍ତ୍ରଣିୟ ରୋଗ । ଅସଂଜତ ଯୌନକ୍ରିୟା ଓ ନଶାଦ୍ରବ୍ୟ ସେବନ ସମୟରେ ଏକ ସୂଚି ବା ସିରିଞ୍ଜିର ସାମୁହିକ ବ୍ୟବହାର ଦ୍ୱାରା ଏହି ରୋଗ ବ୍ୟାପିଥାଏ ।

ଏହି ସୂଚନା ଆପଣ ମାନଂକୁ ଯୌନକ୍ରିୟାଦ୍ୱାରା ବ୍ୟାପୁଥିବା ସାଧାରଣ ରୋଗ ମାନଂକୁ (STDs) ଚିହ୍ନିବାରେ ସାହାଯ୍ୟ କରିବ ।

ଜାଣିରଖଯେ ଏ ସବୁ ରୋଗର ନିୟନ୍ତ୍ରଣ ସମ୍ଭବ । ଯଦିତୁମେ ଅସଂଜତ ଯୋନକ୍ରିୟରେ ଲିପ୍ତ ନୁହ ତେବେ ତୁମକୁ ଯୌନରୋଗ (STDs) ହେବ ନାହିଁ ।

ଯଦିବା ଯୋନକ୍ରିୟା କରନ୍ତି ତେବେ ସୁରକ୍ଷିତ ଯୌନ ନିୟମ ପାଳନ କରନ୍ତୁ । ସର୍ବଦା କଣ୍ଡମ ବ୍ୟବହାର କରନ୍ତୁ ।

ମୁଖ, ମଳଦ୍ୱାର, ଓ ଯୌନାଙ୍ଗଯୌନକ୍ରିୟା ଦ୍ୱାରା ବହୁତ ଯୌନରୋଗ (STDs) ବ୍ୟପିଥାଏ ।

ଯୋନସାଥିଙ୍କ ସଂଖ୍ୟା ସିମୀତ ରଖନ୍ତୁ ।

ସଂଜତ ରୁହନ୍ତୁ । ମନେରଖନ୍ତୁ ମଦ୍ୟପାନ ଓ ନିଶାପାନ ଭୁଲ କାମ କରିବାକୁ ପ୍ରବର୍ତ୍ତାଏ ।

ତୁମ ଯୌନସାଥିକୁ ରୋଗର ନିୟନ୍ତ୍ରଣ ବିଷୟରେ ବୁଝାନ୍ତୁ ।

ତୁମର ଓ ତୁମଯୌନସାଥିର ପରୀକ୍ଷା କରନ୍ତୁ । ଯଦି ତୁମଠାରେ ବା ତୁମ ଯୌନସାଥି ଠାରେ କୌଣସି ଘାଆ,ରୋଗ ବା କିଛି ଯୌନ ସମ୍ବନ୍ଧିୟ ଅବ୍ୟବସ୍ଥା ମିଳେ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିୟନ୍ତୁ ।

ଯୌନରୋଗ (STDs) ସମ୍ବନ୍ଧିୟ ସଚିତ୍ର ସହାୟତା ପାଇଁ ୱବ୍ସାଇଟ ସ୍ୱାସ୍ଥ୍ୟ ସଚେତନତା ସଂଯୋଗକ (Health Awareness Connection) ଦେଖନ୍ତୁ ।

ପ୍ରସ୍ତୁତକର୍ତ୍ତା - ଡଃ ରବର୍ଟ ଟେଲର
ରବର୍ଟ ଟେଲର (ଏମ ଡି)
୧୭୫୫, ବେକନସ୍ଟ୍ରି ବୃକ୍ଲିନ, ଏମ ଏ ୦୨୪୪୫
www roberttaylormd.com
Copyright 1998